No. of Questions : 50

No. of Printed Pages : 12

Secretary

| Question Booklet Number |
|---|
| 1187040 |

2025

Annual

FLO

CLASS – X – HSC

Roll No. :

SET : D

Time : 1 Hour

Full Marks : 50

ସମୟ : 1 ଘଣ୍ଟା

ପୂର୍ଣ୍ଣ ସଂଖ୍ୟା : 50

**ନିରୀକ୍ଷକଙ୍କ ନିମନ୍ତେ ସୂଚନା**

ଉକ୍ତ ବିଷୟର ପରୀକ୍ଷା ସରିବାପରେ ଏହି ପ୍ରଶ୍ନ ପୁସ୍ତିକା (PART-I-OBJECTIVE) ଟିକୁ ପରୀକ୍ଷାର୍ଥୀମାନେ ସାଥିରେ ନେବେ। ପରୀକ୍ଷା ଗୃହ ଛାଡ଼ିବା ପୂର୍ବରୁ ନିରୀକ୍ଷକମାନେ ତାହାକୁ ଠିକ୍ ଭାବେ ତଦାରଖ କରିବା ଏକାନ୍ତ ଜରୁରୀ।

# PART – I – OBJECTIVE

# OBJECTIVE QUESTION BOOKLET

# AR – 01 – FLO

**ପରୀକ୍ଷାର୍ଥୀଙ୍କ ନିମନ୍ତେ ସୂଚନା**

ଏହି ପ୍ରଶ୍ନ ପୁସ୍ତିକାରେ **50** ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି। ପ୍ରତ୍ୟେକ ପ୍ରଶ୍ନର ଉତ୍ତର OMR ଫର୍ଦ୍ଦରେ ଥିବା ନିର୍ଦ୍ଦେଶାନୁସାରେ ଦେବା ଆବଶ୍ୟକ।

P.T.O.

SET : D

PART – I

FL – ODIA

ପ୍ରଥମଭାଷା ଓଡ଼ିଆ

ସମୟ : 1 ଘଣ୍ଟା

ପୂର୍ଣ୍ଣ ସଂଖ୍ୟା : 50

## ନିର୍ଦ୍ଦେଶାବଳୀ

୧. ଏଥିରେ 50 ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି। **ସମସ୍ତ** ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ଅଟେ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **ସମାନ**।

୨. ପ୍ରତ୍ୟେକ ପ୍ରଶ୍ନପାଇଁ **ଚାରିଗୋଟି** ବିକଳ୍ପ ଉତ୍ତର ଦିଆଯାଇଛି। ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି **ଉତ୍ତର ଫର୍ଦ୍ଦରେ** ଥିବା ଗୋଲାକାର ଅଂଶକୁ **କଳା/ନୀଳ** ବଲ ପଏଣ୍ଟ ପେନରେ ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର। ଆଂଶିକ /ଏକାଧିକ କଳା/ ନୀଳ କରାଯାଇଥିଲେ ତାହାର ମୂଲ୍ୟାୟନ ହୋଇପାରିବ ନାହିଁ।

---

1. ଓଡ଼ିଶା ସାହିତ୍ୟର ପ୍ରଥମ ପ୍ରବନ୍ଧର ନାମ କ'ଣ ?

(A) ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର

(B) ଇତାଲୀୟ ଯୁବା

(C) ଗାଁ ମଜଲିସ୍

(D) ବିବେକୀ

2. କାଠୁରିଆ କ'ଣ ଚୋବାଇଲା ପରି ରୁଟି ଦୁଇଟା ଚୋବାଇଗଲା ?

(A) ଖାମଡ଼

(B) ମୁଢ଼ି

(C) ଗୋଡ଼ି

(D) ଖଡ଼ି

3. ଯେତେବେଳେ ଆଧୁନିକ ସଭ୍ୟତାର ଆଦର୍ଶ ପ୍ରତ୍ୟେକେ ଜାଣିବେ, ସେତେବେଳେ କାହାର ଧ୍ୱଜା ଉଡ଼ିବ ?

(A) ଶାନ୍ତିର

(B) ପ୍ରୀତିର

(C) କୀର୍ତ୍ତିର

(D) ମୈତ୍ରୀର

4. ଭାରତୀୟ ସଭ୍ୟତାର ଆଦର୍ଶ କ'ଣ ଥିଲା ?

(A) ଭୋଗ ଓ ଐଶ୍ୱର୍ଯ୍ୟ

(B) ତ୍ୟାଗ ଓ ଆତ୍ମସଂଯମ

(C) ଯାଗଯଜ୍ଞ କରଣ

(D) ରାଗ ଓ ରାଗିଣୀସୃଷ୍ଟି

5. 'ମଙ୍ଗଳେ ଅଇଲା ଉଷା' ପଦ୍ୟ କେଉଁ ଛନ୍ଦରେ ରଚିତ ?

(A) ଶଙ୍କରାଭରଣ

(B) ମଙ୍ଗଳବରାଡ଼ି

(C) ଚୋଖି

(D) ଗୁଜ୍ଜରୀ

6. କେଉଁ କବିତା ପୁସ୍ତକ ପାଇଁ କବି ଅନନ୍ତ ପଟ୍ଟନାୟକ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ ?

(A) ଅର୍ଥାନ୍ତର

(B) ଘଟାନ୍ତର

(C) ପଟାନ୍ତର

(D) ଦେଶାନ୍ତର

7. କିଣା ଯାଇଥିବା କାଠର ନାମ କ'ଣ ଥିଲା ?

(A) ଶାଶୀ

(B) କୁରୁମ

(C) ଧଅ

(D) ଆମ୍ବ

8. ଅଙ୍ଗଦ ଚୌଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ଥିଲେ ?

(A) ତକ୍ଷଶୀଳା

(B) ନାଳନ୍ଦା

(C) ଉତ୍କଳ

(D) କଳିଙ୍ଗ

9. ବାକ୍ୟ କାହାକୁ ପ୍ରକାଶ କରିଥାଏ ?

(A) ଶବ୍ଦର ଅର୍ଥକୁ

(B) ଶବ୍ଦସଂଯୋଜନାକୁ

(C) ମନର ଭାବକୁ

(D) ରଚନାର ଦକ୍ଷତାକୁ

10. ବାକ୍ୟରେ ଗୋଟିଏ ପଦ ଅନ୍ୟପଦଗୁଡ଼ିକୁ କାହିଁକି ଅପେକ୍ଷା କରେ ?

(A) ଯୋଗ୍ୟତା ସିଦ୍ଧ କରିବା ପାଇଁ

(B) ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ

(C) ବାକ୍ୟକୁ ସରଳ କରିବା ପାଇଁ

(D) ଅର୍ଥବୋଧକତା ପାଇଁ

11. ବିଦେଶୀ ମାଧ୍ୟମର ଅପ୍ରାକୃତିକ ପାଚେରୀକୁ ଭାଙ୍ଗିବାପାଇଁ ପ୍ରଥମେ କିଏ ପ୍ରୟାସ କରିଥିଲେ ?

(A) ଗାନ୍ଧିଜୀ

(B) ନେହେରୁ

(C) ସର୍ଦ୍ଦାର ପଟେଲ୍

(D) ଶାସ୍ତ୍ରିଜୀ

12. ମାତୃଭାଷା ପ୍ରତି ମମତା ନଥିବା ବ୍ୟକ୍ତିକୁ କେବେ କ'ଣ କୁହାଯାଇପାରେନା ?

(A) ମାତୃଭକ୍ତ

(B) ଭାଷାଭକ୍ତ

(C) ରାଜଭକ୍ତ

(D) ଦେଶଭକ୍ତ

13. ଉତ୍କଳ ଜନନୀ କାହାଦ୍ୱାରା ପବିତ୍ର ହୋଇଛି ?

(A) ଭୂଧର ଦ୍ୱାରା

(B) ମନ୍ଦିର ଦ୍ୱାରା

(C) ଉଟଜ ଦ୍ୱାରା

(D) ତୀର୍ଥ ଦ୍ୱାରା

14. ଆଦର ରଡ଼ିଘେ ସହିଲେ ଦୁର୍ଯ୍ୟୋଧନ କ'ଣ ହେବ ବୋଲି ଲକ୍ଷ୍ମୀ କହିଛନ୍ତି ?

(A) ଅମର

(B) ଅଜର

(C) ଅକ୍ଷୟର

(D) ମୃତ୍ୟୁଞ୍ଜୟ

15. କେଉଁ ସମାସ ନାମରେ ବନାନଗତ ଅଶୁଦ୍ଧି ରହିଛି ?

(A) ବହୁବ୍ରୀହି

(B) ଦ୍ୱନ୍ଦ

(C) କର୍ମଧାରୟ

(D) ତତ୍‌ପୁରୁଷ

16. ପଦ ସଂହତିରେ ଉପମାବାଚକ ଶବ୍ଦର ବ୍ୟବହାର ହୋଇଥିଲେ ତାକୁ କ'ଣ କୁହାଯାଏ ?

(A) ଲୋକବାଣୀ

(B) ତୁଳନାତ୍ମକ ରୂଢ଼ି

(C) କ୍ରିୟାହୀନ ରୂଢ଼ି

(D) କ୍ରିୟାଯୁକ୍ତ ରୂଢ଼ି

17. ନରେନ୍ଦ୍ରରୁ ବିବେକାନନ୍ଦଙ୍କୁ ଜନ୍ମ ଦେବା ପାଇଁ କେଉଁ ସ୍ଥାନ ଏକୁଡ଼ିଶାଳ ହୋଇଥିଲା ?

(A) ପଶ୍ଚିମେଶ୍ୱର

(B) ଜଳେଶ୍ୱର

(C) ଦକ୍ଷିଣେଶ୍ୱର

(D) ଉତ୍ତରେଶ୍ୱର

18. ଜଣେ ଗୃହସ୍ଥ ଭକ୍ତ କେଉଁଠି ରାମକୃଷ୍ଣଙ୍କ ଶିଷ୍ୟମାନଙ୍କ ପାଇଁ ଏକ ପୁରୁଣା କୋଠା ଛାଡ଼ିଦେଇଥିଲେ ?

(A) ସୂର୍ଯ୍ୟନଗରରେ

(B) ସର୍ବୋଦୟନଗରରେ

(C) ହାଥ୍‌ରସ୍‌ରେ

(D) ବରାହନଗରରେ

19. କେଉଁମାନେ ପ୍ରଚଳିତ ଶିକ୍ଷା ପାଖରେ ମାନବିକତାକୁ ଉତ୍ସର୍ଗ କରୁଛନ୍ତି ବୋଲି ପଠିତ 'ଜନ୍ମଭୂମି' ପ୍ରବନ୍ଧରେ କୁହାଯାଇଛି ?

(A) ଯୁବକ

(B) ଶିକ୍ଷିତ

(C) ଅଶିକ୍ଷିତ

(D) ଗ୍ରାମବାସୀ

SET : D

20. କେଉଁ ଗ୍ରୀସୀୟ ଦେବତା ବିଶ୍ୱର ଭାର ବହନ କରି କୁଜା ହୋଇଛନ୍ତି ?

(A) ହରକୁଲେସ୍

(B) ଏଟ୍‌ଲାସ୍

(C) ପିଥାଗୋରାସ୍

(D) ଯୀଶୁଖ୍ରୀଷ୍ଟ

21. ମନୋରଞ୍ଜନ ଦାସ କେଉଁଠାରେ କାର୍ଯ୍ୟ କରୁଥିଲେ ?

(A) ଦୂରଦର୍ଶନରେ

(B) ଆକାଶବାଣୀରେ

(C) ସଙ୍ଗୀତନାଟକ ଏକାଡ଼େମୀରେ

(D) ଯାତ୍ରା ପାର୍ଟିରେ

22. କେତୋଟି ଦୃଶ୍ୟରେ କୋଣାର୍କ ଏକାଙ୍କିକା ବିଭକ୍ତ ହୋଇଛି ?

(A) ଚାରି

(B) ତିନି

(C) ପାଞ୍ଚ

(D) ଛଅ

23. କେଉଁଟି 'ବୃଥା ପ୍ରାର୍ଥନା' ଅର୍ଥ ପ୍ରକାଶ କରୁଥିବା ରୂଢ଼ି ଅଟେ ?

(A) ଅରଣ୍ୟ ରୋଦନ

(B) ଅନ୍ଧର ଲଉଡ଼ି

(C) ଅକଲ ଗୁଡ୍ଡୁମ

(D) ଅଲଣା କଥା

24. 'କବିତୁଣ୍ଡ, ମେଣ୍ଢାମୁଣ୍ଡ' ଏହି ଲୋକବାଣୀ କେଉଁ ଅର୍ଥ ପ୍ରକାଶ କରୁଅଛି ?

(A) ନିଜେ ସମର୍ଥ ହେବା

(B) ଆର୍ଷ ବଚନ

(C) ଅନଧିକାର ଚର୍ଚ୍ଚା

(D) ନିଜ ସମ୍ମାନ ନିଜ ହାତରେ

25. ଦୀର୍ଘଦେହୀ ପୁରୁଷ ବେଶପୋଷାକରୁ କାହାପରି ମନେହେଉଥି

(A) ରାଜବଂଶର ଲୋକ

(B) ସନ୍ନ୍ୟାସୀ

(C) ପୂଜକ

(D) ଭିକ୍ଷୁ

26. ଖ୍ରୀଷ୍ଟିୟାନ୍ ମିଶନାରୀମାନେ କେଉଁ ମସିହାରୁ ଓଡ଼ିଶାରେ ମିଶ

(A) ୧୮୦୩

(B) ୧୯୩୯

(C) ୧୮୨୨

(D) ୧୮୨୦

27. ସୁବ୍ରତ ବୃତ୍ତିରେ କ'ଣ ଥିଲେ?

(A) ଚିକିତ୍ସକ

(B) ଅଧ୍ୟାପକ

(C) ଶିକ୍ଷକ

(D) ଓକିଲ

28. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶୁଦ୍ଧରୂପ ?

(A) ଦିବାରାତ୍ର

(B) ଅଞ୍ଜଳୀ

(C) ଉତ୍ୟକ୍ତ

(D) ଅଭଡ଼ା

29. ରାମଚନ୍ଦ୍ର ବିସ୍ମିତ ହୋଇ କ'ଣ ତ୍ୟାଗ କରିଥିଲେ ?

(A) ଅଶନ

(B) ଶୟନ

(C) ନିଃଶ୍ୱାସ

(D) ପ୍ରଶ୍ୱାସ

SET : D

30. ରାଧାନାଥଙ୍କ 'ଚିଲିକା' କାବ୍ୟ ଏକ

(A) ଅର୍ଦ୍ଧକାବ୍ୟ

(B) ମହାକାବ୍ୟ

(C) ଚମ୍ପୂକାବ୍ୟ

(D) ଖଣ୍ଡକାବ୍ୟ

31. ଯାହାଦ୍ୱାରା ଅର୍ଥ ରମଣୀୟ ଓ ଚିତ୍ତାକର୍ଷକ ହୁଏ, ତାକୁ କ'ଣ କହନ୍ତି ?

(A) ଅଳଙ୍କାର

(B) ଶବ୍ଦାଳଙ୍କାର

(C) ଅନୁପ୍ରାସ

(D) ଅର୍ଥାଳଙ୍କାର

32. "ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ"
ଉକ୍ତ ପଦର ପ୍ରଥମ ପାଦରେ ଥିବା ଶ୍ଲିଷ୍ଟପଦ କିଏ ?

(A) ବାବୁ

(B) ନାକଶିରୀ

(C) ଯୋଗ୍ୟ

(D) ଯୋଷାକୁ

33. ମୋହ ମମତାର ନୀର ତରୁଣମାନଙ୍କ ସମ୍ମୁଖରେ କ'ଣ ସୃଷ୍ଟି କରୁଛି ?

(A) ମାୟା

(B) ଅନ୍ଧକାର

(C) କୁହେଳି

(D) କୁହୁକ

34. କେଉଁ ନାରୀକବିଙ୍କ ପଦ୍ୟ ତୁମ ପାଠ୍ୟ ଭାବେ ରହିଅଛି ?

(A) ସରଳା ଦେବୀ

(B) ନନ୍ଦିନୀ ଶତପଥୀ

(C) ଅପର୍ଣ୍ଣା ଦେବୀ

(D) ବିଦ୍ୟୁତ୍‌ପ୍ରଭା ଦେବୀ

35. "ପବନର ପ୍ରତିକୂଳରେ ସାଇକେଲ ଚାଳନା କଷ୍ଟକର"

ଏହି ବାକ୍ୟ କାହାଦ୍ୱାରା ସଂକ୍ଷିପ୍ତ ହୋଇଛି ?

(A) ସନ୍ଧି

(B) ସମାସ

(C) କୃଦନ୍ତ

(D) ଉପସର୍ଗ

36. କେଉଁ ଶବ୍ଦ ରୂପରେ 'ର' ପରେ 'ଣ' ହୋଇନାହିଁ ?

(A) କୃଷ୍ଣ

(B) ଋଣ

(C) ତୃଣ

(D) ମସୃଣ

37. କେଉଁ ଗଛ ତଳେ ହରିଗୁଡ଼ିଆର ଦୋକାନ ଥିଲା ?

(A) ଶାଳ

(B) ପିଆଶାଳ

(C) ଚାକୁଣ୍ଡା

(D) ଆମ୍ବ

38. ଗାଳ୍ପିକ ରବି ପଟ୍ଟନାୟକଙ୍କ ବଡ଼ପୁଅ ବି.ଏ ପଢୁ ପଢୁ କ'ଣ ହୋଇଗଲା ?

(A) ହିପି

(B) ପଣ୍ଡିତ

(C) ମୂର୍ଖ

(D) ସିଦ୍ଧପୁରୁଷ

39. କବି ରାଧାନାଥ କାହାକୁ ଉଲ୍ଲାସର ଆତ୍ମା ପରି ମନେକରିଛନ୍ତି ?

(A) ଗୀତାମୃତକୁ

(B) ଗୀତତାନକୁ

(C) ଭାବାନ୍ତରକୁ

(D) ଆବେଗକୁ

40. 'ମଙ୍ଗଳେ ଅଇଲା ଉଷା' ପଦ୍ୟ କେଉଁ କାବ୍ୟରୁ ଆସିଅଛି ?
   (A) ଇନ୍ଦୁମତୀ
   (B) • ତପସ୍ୱିନୀ
   (C) କୀଚକବଧ
   (D) ପ୍ରଣୟବଲ୍ଲରୀ

41. ବାକ୍ୟରେ ସମ୍ବନ୍ଧପଦ କେଉଁଠାରେ ବସେ ?
   (A) • ସମ୍ବନ୍ଧିତ ପଦ ପୂର୍ବରୁ
   (B) ସମ୍ବନ୍ଧିତ ପଦ ପରେ
   (C) ବାକ୍ୟ ଆରମ୍ଭରେ
   (D) ବାକ୍ୟ ଶେଷରେ

42. ମିଶ୍ରବାକ୍ୟ କାହାକୁ କୁହାଯାଏ ?
   (A) • ସରଳ ବାକ୍ୟର ସମନ୍ୱିତ ରୂପକୁ
   (B) ଯେକୌଣସି ପ୍ରକାର ବାକ୍ୟର ସମନ୍ୱିତ ରୂପକୁ
   (C) ଜଟିଳ ବାକ୍ୟର ସମନ୍ୱିତ ରୂପକୁ
   (D) ଯୌଗିକ ବାକ୍ୟର ସମନ୍ୱିତ ରୂପକୁ

43. କେଉଁଠି ହଜିଛି ଖୋଜିଦେବ ମୋର ________ର ଚାବିକାଠି।
   ଉପଯୁକ୍ତ ଶବ୍ଦରେ ପଦ୍ୟ ପଂକ୍ତିକୁ ପୂରଣ କର।
   (A) ଭାବନା
   (B) ପ୍ରେରଣା
   (C) • ଚେତନା
   (D) ଯାତନା

44. 'କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର' ଗଦ୍ୟରେ କାନ୍ତ କବିଙ୍କ ଜୀବନର କେଉଁ ଦିଗ ଉପରେ ଆଲୋକପାତ କରାଯାଇଛି ?
   (A) • ସଙ୍ଗୀତକୃତି
   (B) ସାହିତ୍ୟକୃତି
   (C) ସାଂସ୍କୃତିକ କୃତି
   (D) ପାରମ୍ପରିକ କୃତି

45. କାନ୍ତ କବିଙ୍କ କୁଳ ଦେବତା କିଏ ?
   (A) ଜଗନ୍ନାଥ
   (B) • ଗୋପୀନାଥ
   (C) ରଘୁନାଥ
   (D) ଭୂତନାଥ

46. ବଙ୍ଗଳାଶ୍ରୀ ଛନ୍ଦରେ କେଉଁ ଅକ୍ଷର ଉପରେ ଯତିପାତ ହୁଏ ନାହିଁ ?

(A) ଷଷ୍ଠ

(B) ଏକାଦଶ

(C) ଦ୍ୱାଦଶ

(D) ଅଷ୍ଟାଦଶ

47. ଭୀମ କାହାକୁ ସିଂଘନାଦ ମାଗିଥିଲେ ?

(A) କାଶୀନାଥଙ୍କୁ

(B) ଜଗନ୍ନାଥଙ୍କୁ

(C) ବିଶ୍ୱନାଥଙ୍କୁ

(D) ଲୋକନାଥଙ୍କୁ

48. 'ରାଘବଙ୍କ ଲଙ୍କା ଯାତ୍ରାନୁକୂଳ' ପଦ୍ୟ ବୈଦେହୀଶ ବିଳାସ କାବ୍ୟର କେଉଁ ଛାନ୍ଦରୁ ଆସିଅଛି ?

(A) ଚାଳିଶ

(B) ଏକ ଚାଳିଶ

(C) ବୟାଳିଶ

(D) ତେୟାଳିଶ

49. ଉତ୍କଳ ଜନନୀର ଅଙ୍ଗରେ କିଏ ଶୋଭାପାଉଛି ?

(A) ମନ୍ଦିର

(B) କୁଟୀର

(C) ବନଭୂମି

(D) ଭୂଧର

50. 'ଆବିଷ୍କାର' ଏଠାରେ ବିସର୍ଗ (ଃ) ର କ'ଣ ହୋଇଛି ?

(A) 'ସ୍'

(B) 'ଷ୍'

(C) 'ଷ୍କ'

(D) 'ଷ୍କା'